ସମ୍ବାଦ

# ସାଲେପୁର କଲେଜରେ କାଉନ୍‌ସେଲିଂ ଆଣ୍ଡ୍ ପ୍ଲେସ୍‌ମେଣ୍ଟ କାର୍ଯ୍ୟକ୍ରମ

ସାଲେପୁର, ୧।୧୧ (ଇମିସ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାରିୟର୍ କାଉନ୍‌ସେଲିଂ ସେଲ୍ ଓ ଭୁବନେଶ୍ୱରର 'ବ୍ରେନ୍ ଟ୍ରି' ମିଳିତ ସହଯୋଗରେ 'କାଉନ୍‌ସେଲିଂ ଆଣ୍ଡ୍ ପ୍ଲେସମେଣ୍ଟ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦୁଇଦିନ ବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସଂଗୀତା ମିଶ୍ର ଉଦ୍‌ଘାଟନ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାଧ୍ୟାପକ ଆଲୋକଚନ୍ଦ୍ର ମହାନ୍ତି, ଅଧ୍ୟାପିକା ମୋନାଲିସା ମିଶ୍ର, ଅଧ୍ୟାପକ ଶେଖ୍ ଅବ୍ରାର୍ ଅହେମ୍ମଦ, ଅଧ୍ୟାପିକା ଡକ୍ଟର ବୈଜୟନ୍ତୀ ନାୟକ, ଅଧ୍ୟାପିକା ଡକ୍ଟର ଭାଗ୍ୟଶ୍ରୀ ପାଣି, ଅଧ୍ୟାପକ ସୀତାଂଶୁଶେଖର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। 'ବ୍ରେନ୍ ଟ୍ରି'ର ନିର୍ଦ୍ଦେଶକ ଇଞ୍ଜିନିୟର୍ ସମ୍ବିତ୍ ରାଉତ +୩ ଶେଷବର୍ଷ ଇଂରାଜୀ, ବାଣିଜ୍ୟ ଓ ବିଜ୍ଞାନ ବିଭାଗ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ପ୍ଲେସ୍‌ମେଣ୍ଟ୍ ପାଇଁ କାଉନ୍‌ସେଲିଂର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ।




CUTTACK Edition
Page No.17 November 02, 2022